# ପିଲାଙ୍କ ଧରିତ୍ରୀ

ଶନିବାର , ୨୫ ଡିସେମ୍ବର, ୨୦୨୧



୭ ଗପ

୮ ଆଇନା



# ଖ୍ରୀଷ୍ଟମାସ୍

## ଗପ

ଏ ବର୍ଷ ସିନୁ, ସ୍ୱନ୍ଦନ, ଓମ୍ ଆଉ ଜ୍ୟୋତି ସମସ୍ତେ ଚିନ୍ତିତ ଥିଲେ। ତାଙ୍କର ଏହି ଚିନ୍ତାର କାରଣ ଥିଲା ଏଥର ଘରେ ଖ୍ରୀଷ୍ଟମାସ୍ ପାଳନ କରାହେବ ନାହିଁ। କାହିଁକିନା ଚାରିଆଡ଼େ କରୋନା କଟକଣା, ତା' ସହିତ ନୂଆ ଓମିକ୍ରନ ଭାଇରସ୍ ପାଇଁ ପର୍ବପର୍ବାଣି ପାଳନ କରାଯାଉ ନାହିଁ। ସିନୁର ବାପା ତ ଆଗରୁ ସଫା ସଫା ତାକୁ ଜଣେଇ ଦେଇଥିଲେ ଖ୍ରୀଷ୍ଟମାସ୍ ନ ପାଳିବା ପାଇଁ। କାହିଁକିନା ଖ୍ରୀଷ୍ଟମାସ୍ ଖର୍ଚ୍ଚ ପାଇଁ ଥିବା ଅର୍ଥ ଲକ୍‌ଡାଉନ୍ ସମୟରେ ଘରର ଜରୁରୀ କାମରେ ଖର୍ଚ୍ଚ ହେଇଯାଇଥିଲା। ଏହି କଥାଟି ସିନୁ ଯେତେବେଳେ କଲୋନୀର ସବୁ ପିଲାଙ୍କୁ କହିଲା, ସେତେବେଳେ ସମସ୍ତେ ଦୁଃଖୀ ହେଇଗଲେ।

କଲୋନୀରେ ଅନ୍ୟ ପିଲାମାନେ ସିନୁ, ସ୍ୱନ୍ଦନ, ଓମ୍ ଆଉ ଜ୍ୟୋତିକୁ ପଚାରିଲେ, 'କାହିଁକି ଏଥର ଅଙ୍କଲ ଖ୍ରୀଷ୍ଟମାସ୍ ପାଳିବେନି ? ଆମେ ପ୍ରକୃତ କଥା ଜାଣିବାକୁ ଚାହୁଁଛୁ! ଆମକୁ ସବୁ କଥା ଖୋଲିକରି କୁହ।'

ପିଲାମାନଙ୍କର ପ୍ରଶ୍ନ ଶୁଣି ସ୍ୱନ୍ଦନ କହିଲା, ''ସାଙ୍ଗମାନେ! ଏଥର ଆମ ବାପାଙ୍କ ପାଖରେ ଖ୍ରୀଷ୍ଟମାସ୍ ପାଳନ କରିବାକୁ ଟଙ୍କା ନାହିଁ। ତେଣୁ ଏଥର ଆମମାନଙ୍କ ଘରେ ଖ୍ରୀଷ୍ଟମାସ୍ ପାଳନ ହେବନି। କରୋନା ମହାମାରୀ ଯୋଗୁ ଆମର ସବୁ ଇଚ୍ଛା ମଉଳି ଯାଇଛି। ତା'ଛଡ଼ା ବାପା କହୁଥିଲେ ଏଥର କୁଆଡ଼େ ସରକାର ମନା କରିଛନ୍ତି ଖ୍ରୀଷ୍ଟମାସ୍ ପାଳିବାକୁ। ଆଉ ଯଦି କେହି ଖ୍ରୀଷ୍ଟମାସ୍ ଉତ୍ସବ ପାଳିବେ, ତେବେ ସେମାନେ କରୋନାର ସବୁ ନିୟମ ମାନି କରିବେ। ଏକରେ ତ ଆମ ପାଖରେ ପଇସା ନାହିଁ, ସେଥିରେ ପୁଣି ଏତେ କଥା କରିବ କିଏ ?''

ଏହା ଶୁଣି ପିଲାମାନେ କହିଲେ, ''ବନ୍ଧୁ, ଏଇଟା ଗୋଟିଏ ଏମିତି କି କଥା ଯେ ତମେମାନେ ମନ ମାରି ବସିଛ। ଦେଖ ଆମେ ଖ୍ରୀଷ୍ଟମାସ୍‌ର ସବୁ ବ୍ୟବସ୍ଥା କରିଦେବୁ। ଏଥର ଖ୍ରୀଷ୍ଟମାସ୍ ଆମ କଲୋନୀରେ ନିଶ୍ଚୟ ପାଳନ ହେବ ଆଉ ତାହା ପୁଣି କରୋନାର ନିୟମ ଅନୁସାରେ।''

'ହେଲେ କେମିତି' ? ପଚାରିଲା ସିନୁ।

ପିଲାମାନଙ୍କ ଭିତରୁ ଜଣେ କହିଲା, ଆମେମାନେ ଆମ ପକେଟ ମନିରୁ କିଛି କିଛି ଟଙ୍କା ଆଣି ଏକାଠି କରିବା। ଆଉ କଲୋନୀର କମ୍ୟୁନିଟି ହଲ୍‌ରେ ଏକାଠି ମିଶି ଖ୍ରୀଷ୍ଟମାସ୍ ପାଳିବା।

ତା' ପରଦିନ ସକାଳୁ ସକାଳୁ ପିଲାମାନେ ଲାଗିପଡ଼ିଲେ ତାଙ୍କ କାମରେ। ଖ୍ରୀଷ୍ଟମାସ୍‌କୁ ଆଉ ଦୁଇ ଦିନ ରହିଲା। ତେଣୁ କଲୋନୀର କମ୍ୟୁନିଟି ହଲ୍‌ରେ କେକ୍, ବିସ୍କୁଟ, ମିଠା, ଖ୍ରୀଷ୍ଟମାସ୍ ଟ୍ରି, ଝାଲର, ବେଲୁନ, ମହମବତି ଆଣି ରଖିଦେଲେ। କଲୋନୀର ସବୁ ପିଲା ମିଶି ଖ୍ରୀଷ୍ଟମାସ୍ ଟ୍ରିକୁ ସଜେଇଦେଲେ। ସିନୁ, ସ୍ୱନ୍ଦନ, ଜ୍ୟୋତି ଆଉ ଓମ୍‌ଙ୍କର ବାପାମାନେ ଏ ସବୁ ଦେଖି କାବା ହେଇଗଲେ। ସେମାନେ ଆଶ୍ଚର୍ଯ୍ୟ ହେଉଥିଲେ ଯେ, ପିଲାମାନେ ଏ କରୋନା କାଳରେ ଏତେ ଟଙ୍କା ପାଇଲେ କେଉଁଠୁ? ସେମାନେ ଯେତେବେଳେ ଏହି କଥା ପିଲାମାନଙ୍କୁ ପଚାରିଲେ, ସେତେବେଳେ ଜଣେ ପିଲା କହିଲା- ଅଙ୍କଲ୍, ଆପଣ କାହିଁକି ଏତେ ବ୍ୟସ୍ତ ହେଉଛନ୍ତି? ଆମେ ଚୋରି କରିନୁ କି ଖରାପ କାମ କରି ଏ ପଇସା ଆଣିନୁ। ଆମ ପାଖରେ ପକେଟ୍ ମନିର ଯାହା ସଞ୍ଚିତ ଅର୍ଥ ଥିଲା ସେ ସବୁକୁ ଏକାଠି କରି ଏସବୁ ଆୟୋଜନ କରିଛୁ।

ପିଲାଙ୍କ କଥା ଶୁଣି ସିନୁ, ସ୍ୱନ୍ଦନ ଆଉ ଓମ୍‌ର ବାପା ବହୁତ ଖୁସି ହେଇଗଲେ। ସେମାନେ କରୋନା କଟକଣା ଭିତରେ ଖ୍ରୀଷ୍ଟମାସ୍ ପାଳିବା ଆୟୋଜନରେ ପିଲାମାନଙ୍କ ସହିତ ଉତ୍ସାହର ସହିତ ଲାଗି ପଡିଲେ।

**-ମନୋଜ କୁମାର ବେହେରା**
ୟୁନିଟ-୯, ବାୟାବାବା ମଠ ଲେନ୍, ଭୁବନେଶ୍ୱର
ମୋ-୭୯୭୮୩୦୬୧୧

## ଖିଲି ଖିଲି ହସ

(ମଣ୍ଟୁ-ଶିକ୍ଷକଙ୍କ ମଧ୍ୟରେ କଥାବାର୍ତ୍ତା)

**ଶିକ୍ଷକ:** ଆରେ ମଣ୍ଟୁ, ତୁ ଆଜି କାହିଁକି ଏତେ ଡେରିରେ ସ୍କୁଲ ଆସିଲୁ?

**ମଣ୍ଟୁ:** ସାର, କଥା କ'ଣ କି ବାଟରେ ଆସୁ ଆସୁ ଗୋଟେ ନୂଆ ହୋର୍ଡିଂ ଲାଗିଥିବାର ଦେଖିଲି ତ... ସେଥିପାଇଁ ଟିକେ ଡେରି ହେଲା।

**ଶିକ୍ଷକ:** ଆଚ୍ଛା, ସେହି ହୋର୍ଡିଂରେ ଏମିତି କ'ଣ ଲେଖା ଥିଲା କି?

**ମଣ୍ଟୁ:** 'school ahead, go slow' (ଆଗରେ ସ୍କୁଲ ଅଛି, ଧୀରେ ଧୀରେ ଯାଅ)। ସେଥିପାଇଁ ମୁଁ ଧୀରେ ଧୀରେ ଆସୁଥିଲି।

**ଶିକ୍ଷକ:** ରାମୁ, ନିଉଟନ୍‌ଙ୍କ ତୃତୀୟ ନିୟମଟି ବ୍ୟାଖ୍ୟା କର।

**ରାମୁ:** ସାର୍! ମୋର ଖାଲି ଶେଷ ଧାଡ଼ିଟି ମନେଅଛି।

**ଶିକ୍ଷକ:** ହଉ, ଯାହା ମନେ ରଖିଛୁ କହିଲୁ।

ରାମୁ (ପାଟି ଥଙ୍ଗ ଥଙ୍ଗ କରି)- ଏହାକୁ ନିଉଟନ୍‌ଙ୍କ ତୃତୀୟ ନିୟମ କୁହାଯାଏ।

(ବାପା-ପୁଅ ମଧ୍ୟରେ କଥାବାର୍ତ୍ତା)

**ବାପା:** ପୁଅ କହିଲୁ, ଗୋଟିଏ ପାତ୍ରରେ ୧୦ଟି ଆମ୍ବ ଥିଲା। ସେଥିରୁ ୩ଟି ଆମ୍ବ ଶଢ଼ିଗଲା। ଆଉ କେତୋଟି ରହିଲା?

**ପୁଅ** (ସଙ୍ଗେ ସଙ୍ଗେ କହିଲା): ସେଇ ୧୦ଟି ଆମ୍ବ ହିଁ ରହିବ।

**ବାପା** (ଆଶ୍ଚର୍ଯ୍ୟ ହୋଇ): ଆରେ କେମିତି? ତତେ ଏଇ ସାଧାରଣ କଥାଟି ଆସୁନି?

**ପୁଅ:** ହଁ ବାପା। କ'ଣ ମୁଁ ଭୁଲ୍ କହିଲି କି? ୩ଟା ଆମ୍ବ ଶଢ଼ିଗଲେ ବି ସେଇ ଆମ୍ବ। ସେଇ ୩ଟା ଆମ୍ବ ବି ସେ ପାତ୍ରରେ ରହିବ। ତେଣୁ ଯୋଉ ୧୦ ଟା ଥିଲା, ସେଇ ୧୦ଟା ହିଁ ରହିଲା।

## ରଙ୍ଗ ଦିଅ



## ମତାମତ

▶▶ ଏଥର 'କହିଲ ଦେଖି' ସ୍ତମ୍ଭଟି ସବୁଠୁ ଆକର୍ଷଣୀୟ ଲାଗୁଥିଲା। ତା' ସହ କବିତା ଏବଂ 'ତୁମ ତୂଳୀରୁ' ସ୍ତମ୍ଭରେ ପ୍ରକାଶିତ ଚିତ୍ରଗୁଡ଼ିକୁ ଖୁବ୍ ସୁନ୍ଦର ଭାବେ ଡିଜାଇନ୍ କରାଯାଇଥିଲା।
**- ପ୍ରକାଶ ରାଉତ,** ରାୟଗଡ଼ା ଟାଉନ୍, ରାୟଗଡ଼ା

▶▶ 'କବିତା' ସ୍ତମ୍ଭରେ ପ୍ରକାଶ ପାଇଥିବା 'ଶୀତ ସରି ସରି ଆସେ' ସତରେ ଭଲ ଲାଗିଲା।
**- ପୁଷ୍ପିତା ସେନାପତି,** ବୀରମହାରାଜପୁର, ସୋନପୁର

▶▶ 'ଗିନିଜ୍ ୱାର୍ଲ୍ଡ ରେକର୍ଡ଼' ସ୍ତମ୍ଭରେ ପ୍ରତିଥର ପରି ଏଥର ମଧ୍ୟ ଆଶ୍ଚର୍ଯ୍ୟକର ଜିନିଷ ସ୍ଥାନ ପାଇଥିଲା।
**- ମନୋଜ ପାଣିଗ୍ରାହୀ,** ଧର୍ମଗଡ଼, କଳାହାଣ୍ଡି

▶▶ 'ଖିଲି ଖିଲି ହସ'ରେ ସ୍ଥାନ ପାଇଥିବା ପ୍ରତିଟି ହସକଥା ପଢ଼ି ଖୁବ୍ ହସ ଲାଗିଲା।
**- ଜଗଦୀଶ ପାତ୍ର,** ବାଦାମବାଡ଼ି, କଟକ

▶▶ 'ତୁମ ତୂଳୀରୁ' ସ୍ତମ୍ଭରେ ଥିବା ପ୍ରତ୍ୟେକଟି ଚିତ୍ର ଏଥର ବେଶ୍ ଆକର୍ଷଣୀୟ ହୋଇ ପାରିଥିଲା।
**- ବିଷ୍ଣୁପ୍ରିୟା ସାମନ୍ତରାୟ,** ଧର୍ମଶାଳା, ଯାଜପୁର

## ଟଗଲା ଭୀମୁ




ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by
Sri Tathagata Satpathy on behalf of
Navajat Printers & Media Pvt. Ltd.
and printed at Navajat Printers, B-15,
Rasulgarh Industrial Estate,
Bhubaneswar-10, Ph. (0674) 2580101,

## ସୂଚନା

ପିଲାଙ୍କ ଧରିତ୍ରୀରେ ବିଭିନ୍ନ ସ୍କୁଲ୍ ଏବଂ ଶିଶୁ ଅନୁଷ୍ଠାନ ପକ୍ଷରୁ ଆୟୋଜନ ହେଉଥିବା କାର୍ଯ୍ୟକ୍ରମ ସମ୍ପର୍କରେ ଫଟୋ ଓ ଖବର ସ୍ଥାନ ପାଇବ। ଏ ସମ୍ପର୍କିତ ସୂଚନା ସମ୍ପୃକ୍ତ ଅନୁଷ୍ଠାନ ପକ୍ଷରୁ ଏହି ସଂଖ୍ୟା ପ୍ରକାଶନର ୨ଦିନ ମଧ୍ୟରେ ଜଣାଇବାକୁ ପଡ଼ିବ। ଆଇନା ସ୍ତମ୍ଭ ଲାଗି ଉତ୍ତମ କ୍ୱାଲିଟି(ହାଇ ରିଜଲ୍ୟୁସନ୍ ଥିବା)ର ୩ଟି ଫଟୋ ସହ ବୟସ ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା, ଉଲ୍ଲେଖ କରିବା ଆବଶ୍ୟକ।

**ଆମ ଠିକଣା**
dharitrifeature@gmail.com

ବଡ଼ଦିନ! ପିଲାଙ୍କ ପାଇଁ ବେଶ୍ ପ୍ରତୀକ୍ଷିତ ଦିନଟିଏ। ସ୍କୁଲ୍ ଛୁଟିଥିବାରୁ କେକ୍ ସାଙ୍ଗକୁ ବିଭିନ୍ନ ସ୍ୱାଦିଷ୍ଟ ଖାଦ୍ୟର ଆନନ୍ଦ ନେବା ସହ ବୁଲାବୁଲିର ବି ମଜା ଉଠାନ୍ତି ସେମାନେ...



# ଖୁସିର ପର୍ବ

ଶୀତଦିନେ ପାଳନ ହେଉଥିବା ବିଭିନ୍ନ ପର୍ବ ମଧ୍ୟରୁ ବଡ଼ଦିନ ବା ଖ୍ରୀଷ୍ଟମାସ୍ ଅନ୍ୟତମ। ଯଦିଓ ଖ୍ରୀଷ୍ଟ ଧର୍ମାବଲମ୍ବୀମାନଙ୍କ ଲାଗି ଏହା ଏକ ବିଶେଷ ପର୍ବ, ତଥାପି ସଭିଏଁ ବିଶେଷକରି ପିଲାମାନେ ବେଶ୍ ଆଡ଼ମ୍ବର ସହ ଆନନ୍ଦ ଉଲ୍ଲାସରେ ପାଳନ କରିଥା'ନ୍ତି। ତେବେ ଏହି ଦିନ ସ୍କୁଲ୍ ଛୁଟି ରହୁଥିବାରୁ ପିଲାମାନେ ପରିବାର ତଥା ସାଙ୍ଗସାଥୀଙ୍କ ସହ ଖୁବ୍ ମଜାମସ୍ତିରେ ସମୟ ବିତାନ୍ତି। ଘରେ ପ୍ରସ୍ତୁତ ହେଉଥିବା ବିଭିନ୍ନ ଟେଷ୍ଟି ଖାଦ୍ୟର ଭରପୂର ଆନନ୍ଦ ଉଠାନ୍ତି। ବିଭିନ୍ନ କଲରଫୁଲ୍ ଲାଇଟ୍‌ରେ ନିଜ ଘରକୁ ବେଶ୍ ସୌଖୀନ ଭାବରେ ସଜାଇଥା'ନ୍ତି। ଖାଲି ସେତିକି ନୁହେଁ, ଘରର କାନ୍ଥ ଓ ତାଜାକୁ ବିଭିନ୍ନ ରଙ୍ଗର ବେଲୁନ୍, କାଗଜ, ଫୁଲ ଏବଂ ଖ୍ରୀଷ୍ଟମାସ୍ ଟ୍ରୀ ଆଦିରେ ବି ସଜାନ୍ତି। ମାର୍କେଟ୍‌ରେ ମଧ୍ୟ ଏଥିପାଇଁ ଭଳିକି ଭଳି ଖେଳନା, ସାଜସଜ୍ଜା ସାମଗ୍ରୀଠାରୁ ଆରମ୍ଭ କରି ଭଳିକି ଭଳି କେକ୍, ମିଠା ବହୁ ପରିମାଣରେ ବିକ୍ରି ହୁଏ, ଯାହାକୁ କିଣିବାକୁ ପିଲାମାନଙ୍କର ଗହଳି ଜମେ। ଏହି ସ୍ପେଶାଲ ଅବସର ପାଇଁ କେବଳ ଚର୍ଚ୍ଚ ନୁହେଁ, ବଡ଼ ବଡ଼ ଶପିଂ ମଲ୍ ଏବଂ ଦୋକାନ ବଜାରକୁ ମଧ୍ୟ ଆକର୍ଷଣୀୟ ଭାବେ ସଜା ଯାଇଥିବାରୁ ପିଲାମାନଙ୍କୁ ବୁଲି ଦେଖିବାରେ ଖୁବ୍ ଆନନ୍ଦ ମିଳିଥାଏ। ତା'ଛଡା କେତେକ ସ୍ଥାନରେ ସାନ୍ତାକ୍ଲଜ୍‌ଠାରୁ ମିଳୁଥିବା ବିଭିନ୍ନ ମନଲୋଭା ଉପହାର ପିଲାଙ୍କ ପାଇଁ ମୁଖ୍ୟ ଆକର୍ଷଣ ପାଲଟିଥାଏ। ଅନେକ ସ୍ଥାନରେ ବଣଭୋଜିର ଆୟୋଜନ କରାଯାଇଥାଏ, ଆଉ ସେଠାରେ ଖାଇବା ସାଙ୍ଗକୁ ନାଚ, ଗୀତର ବି ଆସର ଜମେ, ଯାହାର ଭରପୂର ମଜା ଉଠାନ୍ତି ପିଲାମାନେ। ଏହି ଦିନକୁ ଆହୁରି ନିଆରା ଢଙ୍ଗରେ ପାଳନ କରିବା ଲାଗି ଏବେ ମାର୍କେଟ୍‌ରେ ପିଲାଙ୍କ ପାଇଁ ସାନ୍ତାକ୍ଲଜ୍ ଡ୍ରେସ୍ ମଧ୍ୟ ମିଳୁଛି, ଯାହାକୁ ପିନ୍ଧି ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ପିଲାମାନେ ସୋସିଆଲ୍ ସାଇଟ୍‌ରେ ପୋଷ୍ଟ କରୁଥିବା ବି ଦେଖିବାକୁ ମିଳୁଛି। ତେବେ ଗତବର୍ଷ କରୋନା ଲାଗି ବଡ଼ଦିନ ସେଲିବ୍ରେଶନ୍ ହୋଇପାରି ନ ଥିବାରୁ ଏବର୍ଷକୁ ପିଲାମାନେ ଚାତକ ପରି ଚାହିଁ ରହିଛନ୍ତି। ଏନେଇ କ'ଣ ରହିଛି ପ୍ଲାନିଂ ସେ ସମ୍ପର୍କରେ ଯାହା କୁହନ୍ତି ଏମାନେ...

## ପ୍ରାର୍ଥନାକୁ ଦେବୁ ଅଧିକ ଗୁରୁତ୍ୱ



ଏହି ଦିନରେ ଆମେ ସମସ୍ତେ ନୂଆ ଡ୍ରେସ୍ ପିନ୍ଧି ଚର୍ଚ୍ଚକୁ ପ୍ରାର୍ଥନା କରିବାକୁ ଯାଉ। ସନ୍ଧ୍ୟାରେ ଏକାଠି ହୋଇ ନାଚଗୀତ କରିବା ସହ ଯିଶୁଙ୍କ ପାଖେ ନିଜକୁ ଉତ୍ସର୍ଗ କରୁ। ପ୍ରଭୁ ଯିଶୁଙ୍କୁ ଧରାପୃଷ୍ଠକୁ ପଠାଇଥିବାରୁ ଭଗବାନ୍‌ଙ୍କ ନିକଟରେ କୃତଜ୍ଞତା ଜଣାଉ। ଏଥର ମୋର ଉଇସ୍ ରହିଛି କି ସମସ୍ତଙ୍କୁ ଖାଇବା ଓ ରହିବାର ସୁବିଧା ମିଳିବା ସହ ସମସ୍ତେ ଖୁସିରେ ରୁହନ୍ତୁ।

**-ଦେବ ଆକାଶ,** କ୍ଲାସ-୭, ସନ୍‌ରାଇଜ୍ ପବ୍ଲିକ୍ ସ୍କୁଲ, ଭୁବନେଶ୍ୱର

## କେକ୍‌କୁ ସୁନ୍ଦର କରି ସଜାଇବୁ



ବଡ଼ଦିନରେ ଆମେ ସମସ୍ତେ ମିଶି ଘରକୁ ଭଲ ଭାବେ ସଜାଉ ଏବଂ ତା' ସହ ମା' ମଧ୍ୟ ଘରେ ନାନା ରକମର ପିଠା ଓ କେକ୍ ତିଆରି କରନ୍ତି। ଏଥର ମୁଁ ମୋର ସବୁ ସାଙ୍ଗମାନଙ୍କୁ ଆମ ଘରକୁ ଡାକିଛି। ରାତିରେ ସମସ୍ତେ ମିଶି ଭୋଜି କରିବୁ ଏବଂ ଏକାଠି ମା' କରିଥିବା କେକ୍ କାଟିବୁ। ଦିନବେଳା ପରିବାରର ସମସ୍ତେ ମିଶି ବାହାରକୁ ବୁଲିଯିବାର ପ୍ଲାନିଂ କରିଛୁ।

**-ଅନ୍ୱେଷ ମହାନ୍ତି,** କ୍ଲାସ- ୯, ସରସ୍ୱତୀ ଶିଶୁ ମନ୍ଦିର, ଭୀମଟାଙ୍ଗୀ, ଭୁବନେଶ୍ୱର

## ଫଟୋସୁଟ୍‌ର ମଜା ନେବୁ



ବଡ଼ଦିନ ଯୋଗୁଁ ଏଥର ବାପା ମୋ ପାଇଁ କେକ୍ ଆଣିଛନ୍ତି। ମଲ୍ ଯିବାର ପ୍ଲାନିଂ ବି ଅଛି। ସେଠି ସାନ୍ତାକ୍ଲଜ୍ ଓ ଖ୍ରୀଷ୍ଟମାସ୍ ଟ୍ରୀ ପାଖେ ଛିଡ଼ା ହୋଇ ଫଟୋଶୁଟ୍ କରିବୁ। ରାତିରେ ଘରେ ମଧ୍ୟ ବିଭିନ୍ନ କଲରର ଲାଇଟ୍ ସହ ଫଟୋ ଉଠାଇବୁ। ପ୍ରତି ଥର ଭଳି ଏଥର ବି ନୂଆ ଡ୍ରେସ୍ ପିନ୍ଧି ପରିବାର ଓ ସାଙ୍ଗମାନେ ମିଶି କେକ୍ କାଟିବୁ। ବିଭିନ୍ନ ପୋଜ୍‌ରେ ଫଟୋ ଉଠାଇ ସୋସିଆଲ୍ ମିଡିଆରେ ପୋଷ୍ଟ କରି ମଜା ନେବୁ।

**-ଦୀପ୍ତିରେଖା ସାହୁ,** କ୍ଲାସ-୯, ଶ୍ରୀ ଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର, ଫୁଲନଖରା




## ଖ୍ରୀଷ୍ଟମାସ୍ ଟ୍ରୀ'କୁ ରଙ୍ଗିନ୍ କରିବୁ



ଯେହେତୁ ଏହି ପର୍ବର ମୁଖ୍ୟ ଆକର୍ଷଣ ହେଉଛି ଖ୍ରୀଷ୍ଟମାସ୍ ଟ୍ରୀ, ଆମେ ଏଥର ଏହାକୁ ସୁନ୍ଦର ଭାବେ ସଜାଇବୁ ବୋଲି ଭାବିଛୁ। ପାଇନ୍ ଗଛର ଗୋଟେ ଡାଳ ଆଣି ବଗିଚାରେ ପୋତିବୁ। ଏହାର ବିଭିନ୍ନ ପାର୍ଶ୍ୱରେ ରଙ୍ଗିନ୍ ଖେଳଣା, ଫୁଲ, କଣ୍ଢେଇ ଆଦି ଝୁଲାଇବୁ। ରାତିରେ ଏଥିରେ ମହମବତି କିମ୍ବା ଲାଇଟ୍ ବି ଲଗାଇ ଆକର୍ଷଣୀୟ କରିବୁ। ପରେ ସମସ୍ତେ ଏକାଠି ହୋଇ ଗୀତ ନାଚର ମଜା ଉଠାଇବା ସହ ଯିଶୁଙ୍କ ପାଖରେ ପ୍ରାର୍ଥନା କରି ନିଜ ନିଜର ଉଇସ୍ ରଖିବୁ।

**-ରେଜିଆ ପରୱିନ,** କ୍ଲାସ-୯, ସେଣ୍ଟ ଜନ୍ ସ୍କୁଲ, ତାଳଚେର






ଉପସ୍ଥାପନା- ମୋନାଲୀ ସାହୁ


# ଶିଶୁ ପ୍ରତିଭା


ତନୁଶ୍ରୀ


ତେଜସ୍ୱିନୀ


ସାରିକା


ଶ୍ୱେତାଲିସା


ଦିବ୍ୟାଂଶା

## ଘଟଣାବହୁଳ ଥିଲା ବର୍ଷ ୨୦୨୧। ଅନେକଙ୍କ ଲାଗି ଏହି ବର୍ଷ ଆଣି ଦେଇଥିଲା ସଫଳତା ଏବଂ ଗୌରବ। ତେବେ ଏବର୍ଷ ଅନ୍ୟମାନଙ୍କ ପାଇଁ ପ୍ରେରଣା ସାଜିଥିବା କିଛି କୁନି ପ୍ରତିଭାଙ୍କ ସମ୍ପର୍କରେ...

**ସଙ୍ଗୀତ ନିଶାରେ ତନୁଶ୍ରୀ:** ସଙ୍ଗୀତ ଆଉ ନୃତ୍ୟ କ୍ଷେତ୍ରରେ ନାଁ କରିଛନ୍ତି ତନୁଶ୍ରୀ ଜେନା। ଭୁବନେଶ୍ୱର ୟୁନିଟ୍-୩ର ମଳୟ କେତନ ଜେନା ଓ ଶ୍ରୀଲେଖା ନାୟକଙ୍କ ସୁପୁତ୍ରୀ ତନୁଶ୍ରୀ। ଜାତୀୟ ସ୍ତରର ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇ ସେ ତାଙ୍କ ପ୍ରତିଭା ପ୍ରଦର୍ଶନ କରି ସାରିଲେଣି। ୨୦୧୨ ମସିହାରୁ ସେ ଅଲ୍ ଇଣ୍ଡିଆ ରେଡିଓରେ ବି ଶିଶୁ କଳାକାରଭାବେ କାମ କରିଆସୁଛନ୍ତି। ୧୧ ବର୍ଷ ବେଳକୁ ତନୁଶ୍ରୀ ୧୦୦୦ ଷ୍ଟେଜ୍ ଶୋ'ରେ ଭାଗ ନେଇ ସାରିଥିଲେ।

**ନୃତ୍ୟଶିଳ୍ପୀ ତେଜସ୍ୱିନୀ:** ଯାଜପୁର ଜିଲ୍ଲାର ନମିତା ଏବଂ ରାଜେଶ ରାଉତଙ୍କ ଝିଅ ଆରଏନ୍ ତେଜସ୍ୱିନୀ। ବୟସ ମାତ୍ର ୭ ବର୍ଷ କିନ୍ତୁ ଶିଶୁ ନୃତ୍ୟଶିଳ୍ପୀଭାବେ ତାଙ୍କର ସ୍ୱତନ୍ତ୍ର ପରିଚୟ। ସମ୍ବଲପୁରୀଠାରୁ ଆରମ୍ଭ କରି ବିଭିନ୍ନ ସେମିକ୍ଲାସିକାଲ୍ ଏବଂ ମଡର୍ନ ଡ୍ୟାନ୍ସ ସବୁଥିରେ ସେ ନିପୁଣା। ଅନେକ ସମ୍ମାନର ଅଧିକାରୀ ତେଜସ୍ୱିନୀ ୧୦ରୁ ଊର୍ଦ୍ଧ୍ୱ ହିଟ୍ ଓଡ଼ିଆ ଆଲବମ୍‌ର କିଡ୍ସ ଭର୍ସନ କରି ୟୁଟ୍ୟୁବ୍‌ରେ ଦର୍ଶକଙ୍କଠାରୁ ବେଶ୍ ପ୍ରଶଂସା ସାଉଁଟିଛନ୍ତି।

**ନୃତ୍ୟ ତାରକା ସାରିକା:** ୧୦ ବର୍ଷର ଉଦୀୟମାନ ପ୍ରତିଭା ହେଉଛନ୍ତି ସମ୍ବଲପୁର ରେଢ଼ାଖୋଲର ସଫଳ ନୃତ୍ୟାଙ୍ଗନା ସାରିକା ଦିବ୍ୟାଂଶୀ ସାହୁ। ସାରିକା ବୌଦ୍ଧ, ବୁର୍ଲା, ଅନୁଗୋଳ ଆଦି ବିଭିନ୍ନ ଜିଲାରେ ନୃତ୍ୟ ପ୍ରଦର୍ଶନ କରି ପ୍ରଶଂସିତ ଏବଂ ପୁରସ୍କୃତ ହୋଇଛନ୍ତି।

**ଦର୍ଶକଙ୍କୁ ମତୁଆଲା କରେ ଯୁଗଳବନ୍ଦୀ:** ଶ୍ରୀକ୍ଷେତ୍ରର ଶିଶୁ ଓଡ଼ିଶୀ ନୃତ୍ୟଶିଳ୍ପୀ ଭାବେ ବେଶ ପରିଚିତ ଦୁଇଟି ନାଁ । ସେମାନେ ହେଉଛନ୍ତି ପ୍ରିୟଦର୍ଶିନୀ ଓ ଦିନଭଞ୍ଜନ ପଣ୍ଡାଙ୍କ ଝିଅ ଶୁଭଶ୍ରୀ ପଣ୍ଡା ଏବଂ ସୁଧାଂଶୁବାଳା ଓ କୃଷ୍ଣଚନ୍ଦ୍ର ପଟ୍ଟନାୟକଙ୍କ ଝିଅ କିରଣ। ଉଭୟ ଓଡ଼ିଶୀରେ ପଲ୍ଲବୀ, ଅଭିନୟ, ମଙ୍ଗଳାଚରଣ, ନିତ୍ୟ ଜଗନ୍ନାଥ, ଅଇଗିରି ନନ୍ଦିନୀ, ଦଶାବତାର, ବାଲ ଗୋପାଳ ଅଷ୍ଟକମ୍ ଓ ସମ୍ବଲପୁରୀ ନୃତ୍ୟ ଆଦିରେ ସୁନ୍ଦର ନୃତ୍ୟ ପରିବେଷଣ କରନ୍ତି। ଏଥିସହିତ ବିଭିନ୍ନ ମହୋତ୍ସବ ଗ୍ଲୋରୀ ଫେଷ୍ଟ, ବୋଇତ ବନ୍ଦାଣ, ଓଡ଼ିଆ ନବବର୍ଷ, ରାଷ୍ଟ୍ରୀୟ ନବବର୍ଷ ସମାରୋହ ଗୀତି ନାଟ୍ୟରେ ମହିଷାମର୍ଦ୍ଦିନୀ, ଭକ୍ତକବି ଜୟଦେବଙ୍କ ସମେତ ଶିଶୁ କଳାକାର ଭାବେ ବିଭିନ୍ନ ଘରୋଇ ଚ୍ୟାନେଲ ପକ୍ଷରୁ ଭକ୍ତି ସଙ୍ଗୀତ, ଭଜନ ନୃତ୍ୟରେ ଅଂଶଗ୍ରହଣ କରିଛନ୍ତି।

**ଅଲ୍‌ରାଉଣ୍ଡର ଦିବ୍ୟାଂଶା:** ଅଲ୍‌ରାଉଣ୍ଡର ଦିବ୍ୟାଂଶା ପଣ୍ଡା। ଭୁବନେଶ୍ୱର ୟୁନିଟ-୯ରେ ରହୁଥିବା ଏହି ପ୍ରତିଭାଜଣକ ନୃତ୍ୟ, ଆଙ୍କରିଂ, ମଡେଲିଂ ଏପରି କି ଅଭିନୟରେ ନିଜ ଯାଦୁ ଦେଖାଇ ସାରିଛନ୍ତି। ଓଡ଼ିଆ ସିନେମା 'ମନ ମୋର କାଗଜ ଗୁଡି'ରେ ଜଣେ ଶିଶୁ କଳାକାର ଭାବରେ ମଧ୍ୟ ଅଭିନୟ କରିଛନ୍ତି। ରାଜ୍ୟ ଏବଂ ଜାତୀୟସ୍ତରରେ ଆୟୋଜିତ ଡ୍ୟାନ୍ସ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ଅନେକ ଥର ପୁରସ୍କୃତ ହୋଇଛନ୍ତି।

**ସଙ୍ଗୀତ ଦେଇଛି ପରିଚୟ:** ବାଲେଶ୍ୱରର ଶ୍ୱେତାଲିସା ଶୁଭଦର୍ଶିନୀ। ମାତ୍ର ୪ବର୍ଷ ବୟସରୁ ଆରମ୍ଭ କରିଛନ୍ତି ସଙ୍ଗୀତ ସାଧନା। ନିଜର ନିଷ୍ଠା ବଳରେ ସେ ସଙ୍ଗୀତ କ୍ଷେତ୍ରରେ ନିଜର ଦକ୍ଷତା ଦେଖାଇବା ସହ ସାଉଁଟିଛନ୍ତି ପ୍ରଶଂସା ଆଉ ପୁରସ୍କାର। ରାଜ୍ୟସ୍ତରୀୟ ପ୍ରତିଯୋଗିତାର ସବ୍‌ଜୁନିୟର ବିଭାଗରେ ୨୦୧୬ରେ ପ୍ରଥମ ହୋଇଥିଲେ। ପ୍ରାର୍ଥନା ଚ୍ୟାନେଲ୍‌ର 'ପ୍ରଥମ ସ୍ୱର', ସାର୍ଥକ ଟିଭିର 'ସାରେଗାମାପା ଲିଟିଲ୍ ଚାମ୍ପ'ରେ ଗୀତ ବି ଗାଇଛନ୍ତି। ସେହିପରି ୟୁଟ୍ୟୁବ୍‌ରେ ତାଙ୍କର ଅନେକ ଆଲବମ୍ ଦର୍ଶକଙ୍କୁ ପ୍ରଭାବିତ କରିପାରିଛି।

**ଅଲ୍‌ରାଉଣ୍ଡର ରୂପାଲୀ:** ବିଭିନ୍ନ ଶିକ୍ଷାନୁଷ୍ଠାନ ଓ କାର୍ଯ୍ୟକ୍ରମରେ ବକ୍ତୃତା ପ୍ରଦାନ କରି ନିଜର ପରିଚୟ ସୃଷ୍ଟି କରିଥିବା ଅନନ୍ୟ ପ୍ରତିଭା ହେଉଛନ୍ତି ନୟାଗଡ଼ର ରୂପାଲୀ। ସରକାରଙ୍କର ବିଭିନ୍ନ ଜନମଙ୍ଗଳ ଯୋଜନା ଯଥା ବେଟି ବଚାଓ, ବେଟି ପଢ଼ାଓ, ବାଲ୍ୟ ବିବାହ ବିରୋଧ, ଶିଶୁ ଶ୍ରମିକ ପ୍ରଥା ଉଚ୍ଛେଦ, ପରିବେଶ ସୁରକ୍ଷା, ନାରୀ ସଶକ୍ତୀକରଣ ଆଦି ବିଭିନ୍ନ କାର୍ଯ୍ୟକ୍ରମରେ ନିଜ ଭାଷଣ ମାଧ୍ୟମରେ ସଚେତନ କରିଚାଲିଛନ୍ତି। ସେ ନିଜ ୟୁ-ଟ୍ୟୁବ୍ ଚ୍ୟାନେଲ ଖୋଲି ସଚେତନତାର ବାର୍ତ୍ତା ବି ବାଣ୍ଟି ଚାଲିଛନ୍ତି। ଏଥିପାଇଁ ଅନେକ ପୁରସ୍କାର ବି ପାଇଛନ୍ତି।

**ରଙ୍ଗତୂଳୀରେ କ୍ରିଷ୍ଟା:** ଚିତ୍ର ଆଙ୍କି ସମାଜକୁ ସଚେତନତା ବାର୍ତ୍ତା ପ୍ରଦାନ କରି ଚାଲିଛନ୍ତି ବାରିପଦାର କ୍ରିଷ୍ଟା ଭୂୟାଁ। ଶହେରୁ ଊର୍ଦ୍ଧ୍ୱ ଚିତ୍ର ଆଙ୍କି ଏହି କୁନି ବୟସରୁ ବିଭିନ୍ନ ପ୍ରଦର୍ଶନୀରେ ଅଂଶଗ୍ରହଣ କରି ପୁରସ୍କୃତ ହୋଇଛନ୍ତି । ପରିବେଶକୁ ସ୍ୱଚ୍ଛ ରଖିବା, ପ୍ରଦୂଷଣକୁ ରୋକିବା, ପାଣିର ଅପବ୍ୟବହାର ନ କରିବା, ସବୁଜ ସୁନ୍ଦର ପରିବେଶ ସୃଷ୍ଟି କରିବା, ବୃକ୍ଷରୋପଣ ସହିତ ଜୀବଜନ୍ତୁଙ୍କ ଚିତ୍ର ଆଙ୍କି ବେଶ୍ ଚର୍ଚ୍ଚାରେ ରହିଛନ୍ତି।

**କୁନି ଚିତ୍ରକର ଦିବ୍ୟଦୀପ:** କଟକ ଚୌଦ୍ୱାରର କପାଳେଶ୍ୱରର କୁନି ପ୍ରତିଭା ଦିବ୍ୟଦୀପ ମହାନ୍ତି। ପ୍ରାକୃତିକ ଦୃଶ୍ୟରାଜିକୁ ନିଜର ତୂଳୀ ମାଧ୍ୟମରେ ପ୍ରକାଶ କରି ସାଉଁଟିଛନ୍ତି ଅନେକ ପ୍ରଶଂସା। ବିଭିନ୍ନ ବିଜ୍ଞାନ ପ୍ରୋଜେକ୍ଟ ପ୍ରସ୍ତୁତ କରି ସେ ନିଜ ପ୍ରତିଭାର ପରିଚୟ ମଧ୍ୟ ଦେଇଛନ୍ତି। ତା'ସହ ଚିତ୍ରାଙ୍କନ ପ୍ରତିଯୋଗିତାରେ ଭାଗ ନେଇ ସେ ହାସଲ କରିଛନ୍ତି ଅନେକ ପୁରସ୍କାର। ସ୍କୁଲସ୍ତରୀୟ ବିଭିନ୍ନ ବିଜ୍ଞାନ ମେଳାରେ ମଧ୍ୟ ସେ ତାଙ୍କ ଭିନ୍ନ ଚିନ୍ତାଧାରାକୁ ପରିପ୍ରକାଶ କରି ସମ୍ମାନିତ ହୋଇଛନ୍ତି।


ରୂପାଲୀ


କ୍ରିଷ୍ଟା


ପ୍ରିୟଦର୍ଶିନୀ ଓ ଶୁଭଶ୍ରୀ


ଦିବ୍ୟଦୀପ


କ୍ରିଷ୍ଟା
(୫ ବର୍ଷ)


ତାପସୀ
(୯ ବର୍ଷ)


ସୁହାନି
(୭ ବର୍ଷ)


ସ୍ନେହାରାଣୀ
(୮ ବର୍ଷ)


ଅର୍ପିତ ଅନୁରାଗ
(୬ ବର୍ଷ)


ଦିବ୍ୟଶଙ୍କର
(୧୦ ବର୍ଷ)


ସିମୋନା
(୭ ବର୍ଷ)


ପ୍ରିୟାଂଶି
(୬ ବର୍ଷ)


ଆରାଧନା
(୬ ବର୍ଷ)

## ଗିନିଜ୍ ୱାର୍ଲ୍ଡ ରେକର୍ଡ



# ସବୁଠୁ ବଡ଼ ସାନ୍ତା ଟୋପି

ପିଲାମାନେ, ଖ୍ରୀଷ୍ଟମାସର ସାନ୍ତାକୁ କେବେ ଦେଖିଛ କି? ଲାଲ୍ ରଙ୍ଗର ଡ୍ରେସ୍ ସାଙ୍ଗକୁ ସେ ଲାଲ୍ ରଙ୍ଗର ଟୋପି ପିନ୍ଧିଥାନ୍ତି। ସାନ୍ତାଙ୍କ ଭଳି ବିଭିନ୍ନ ପ୍ରକାରର ଟୋପି ଏବେ ବଜାରରେ ମିଳୁଛି। ହେଲେ ସବୁଠାରୁ ବଡ ସାନ୍ତା ଟୋପି ତିଆରି ହୋଇଛି ନରୱେରେ। ସେଠାକାର ଏକ କ୍ଲବର ପିଲାମାନେ ଏହାକୁ ପ୍ରସ୍ତୁତ କରିଛନ୍ତି, ଯାହା ଗିନିଜ୍ ୱାର୍ଲ୍ଡ ରେକର୍ଡରେ ସ୍ଥାନ ପାଇଛି। ଏହି ଟୋପିର ଲମ୍ବା ୧୫.୪୭ ମିଟର ଓ ଚଉଡା ୮.୨୩ ମିଟର। ତେବେ ଟୋପିକୁ ତିଆରି କରିବା ପାଇଁ ୩ ମାସ ସମୟ ଲାଗିଥିଲା।

## କବିତା

### ଶୁଭ ବଡ଼ଦିନ

ଡିସେମ୍ବର ମାସ ପଚିଶ ତାରିଖ
ଆସିଅଛି ଶୁଭ ବଡ଼ଦିନ
ଈଶ୍ୱରଙ୍କ ପୁତ୍ର ପ୍ରଭୁ ଯିଶୁଙ୍କର
ପବିତ୍ର ଜନମ ଦିନ।
ମାତା ମେରୀ କୋଳେ ହୋଇଲେ
ଜନମ
ଶିଖାଇଲେ କ୍ଷମା ମହତ ଗୁଣ
ଦୟା, କରୁଣା, ଶାନ୍ତି ଗୁଣର ଧନରେ
ଭରିଲେ ମାନବ ମନ।
ପବିତ୍ର ଏ ଦିନେ ଖୁସି ଆନନ୍ଦରେ
ଭରିଛି ସବୁରି ମନ
ସୁଖ ଶାନ୍ତିର ବାରତାକୁ ନେଇ
ଆସିଛି ଏ ଶୁଭ ଦିନ।

*–ଅର୍ଚ୍ଚନା କର*
*୬୫୬, ନୟାପଲ୍ଲୀ, ବେହେରାସାହି, ଭୁବନେଶ୍ୱର*

### ପ୍ରଭୁଙ୍କ ଜନମଦିନ

ଆସ କୁନା ମୁନି ମୋ ଭଉଣୀ ଭାଇ
ହିନ୍ଦୁ, ମୁସଲିମ୍ ଶିଖ୍ ଈଶାଇ।
ଏକାଠି ହୋଇବା
ପ୍ରେମ ଭକତିରେ ଗୀତ ଗାଇବା।
ପ୍ରଭୁ ସେ ଯେ, କ୍ଷମା ଦୟାର ସାଗର
ସେ ପୁଣି ଶାନ୍ତି ମୈତ୍ରୀ ପ୍ରେମର ଠାକୁର।
ଅନ୍ଧକୁ ଦେବେ ସେ ବାଟ କଢ଼ାଇ
ମୁକ୍ତି ପଥେ ଦେବେ ଆମକୁ ଭସାଇ।
ଛାଡ଼ି ଯେତେ ସବୁ ମାନ ଅଭିମାନ
ମିଳିମିଶି ପାଳିବା ପ୍ରଭୁଙ୍କ ଜନମଦିନ।

*–ମୀରା ବେଉରା*
*ରଘୁନାଥପୁର ମହାବିଦ୍ୟାଳୟ, ଦେଉଳି ସାହି, ତୁଳସୀପୁର, କଟକ*


### ବଡ଼ଦିନ

ଖ୍ରୀଷ୍ଟ ଧର୍ମାବଲମ୍ବୀ ଦେଶ ବିଦେଶରେ
ଆଡ଼ମ୍ବର ସହକାରେ
ବଡ଼ଦିନ ଗୋଟି ପାଳନ କରନ୍ତି
ଆନନ୍ଦ ଓ ଉଲ୍ଲାସରେ ।
କ୍ଷମା, କରୁଣା ଓ ସେବା ମନ୍ତ୍ର ଦେଇ
ଅବତରିଥିଲେ ଯିଶୁ
ପାପ କର୍ଦ୍ଦମରୁ ପରିତ୍ରାଣ ପାଇଁ
ବିଦ୍ଧ ହୋଇଥିଲେ କୃଶ ।
ବିରାଜିବ ଦିନେ ଶାନ୍ତିର ଫଲ୍‌ଗୁ
ମୈତ୍ରୀ ଭରା ହେବ ଧରା
ପ୍ରଭୁଙ୍କ ବାଣୀରେ ମୁଖରିତ ସୃଷ୍ଟି
ଦିଅଇ ନବ ଇସାରା ।
ହେଉ ବଡ଼ଦିନ ଶୁଭ ବିଶ୍ୱ ପାଇଁ
ଶାନ୍ତି ପ୍ରତୀକ ଉତ୍ସବ
ନକାରାତ୍ମକ ଚିନ୍ତା ଦୂରେଇ ଯାଉ
ପ୍ରତିଷ୍ଠିତ ହେଉ ଧର୍ମ।

*– ଅନୁପମା ପ୍ରଧାନ*, ଦେଉଳବେଡ଼ା କଲୋନୀ, ତାଳଚେର







## କହିଲ ଦେଖି

ଉତ୍ତର-ସାନ୍ତାକ୍ଲଜ

୧) ମୁହଁରେ ଦାଢ଼ି ମୁଣ୍ଡେ ପଗଡ଼ି
ରଙ୍ଗ ରଙ୍ଗିଆ ବେଶ
କି' ଉପହାର କେତେ ଦର୍କାର
ମୋ ଠାରୁ ନେବ ଆସ
ଆସିଲେ ବଡ଼ ଦିନ,
କହିଲ ଦେଖି, ମୁଁ କିଏ,
ପିଲାଙ୍କୁ ଦେଖି, ଖୁସି ହୁଏ ମୋ ମନ।



ଉତ୍ତର-ଯିଶୁଖ୍ରୀଷ୍ଟ

୨) ମାଆଙ୍କ ନାମ ଦେବୀ ମରିଅମ୍
ମେଣ୍ଢା ଗୁହାଳେ ନେଲି ଜନମ
ଭକ୍ତଙ୍କୁ ତ୍ରାଣ କରିବା ପାଇଁ,
କୃଶରେ ବିଦ୍ଧ ହୋଇଲି ମୁହିଁ
ସହସ୍ର ଭକ୍ତ ମୋର,
ବଡ଼ ଦିନରେ ନେଲି ଜନମ
ମୋ' ନାମ ପ୍ରକାଶ କର।



ଉତ୍ତର-ଖ୍ରୀଷ୍ଟମାସ୍ ଟ୍ରୀ

୩) ଧନ୍ୟ ହେଲି ମୁଁ ଗଛଟେ ହୋଇ
ପିଲାଙ୍କ ମନ ଖୁସି କରଇ।
ରାତିରେ ସାଜସଜ୍ଜା ମୋ ଦେଖି
ସଭିଙ୍କ ଆଖି ରହିବ ଲାଖି,
ମୋ' ନାମଟି କୁହ
ବଡ଼ଦିନରେ ବେଶି ଆଦର
ପିଲାଏ ମୋତେ ଦିଅ।

*–କବିଜ୍ୟୋତି ନିରଞ୍ଜନ ପତି*
*ଗାନ୍ଧୀ ମାର୍ଗ, ଅନୁଗୋଳ*
*ମୋ–୯୯୩୮୧୩୩୫୫୯*



## ଏଥରର

- ପ୍ରଥମ ଓଡ଼ିଆ ମାଗାଜିନ୍ ବୋଧୟନୀ କେଉଁଠାରୁ ପ୍ରକାଶିତ ହୋଇଥିଲା ?
- ସ୍ୱାଧୀନତା ପୂର୍ବରୁ ଓଡ଼ିଶାର ପ୍ରଥମ ଗଭର୍ଣ୍ଣର କିଏ ?
- ପ୍ରଥମ ଓଡ଼ିଆ ମହିଳା ଭାବେ କାହାକୁ ଓଡ଼ିଶା ସାହିତ୍ୟ ଏକାଡେମୀ ପୁରସ୍କାର ପ୍ରଦାନ କରାଯାଇଥିଲା ?
- ଓଡ଼ିଶାର କେଉଁ ପ୍ରାଚୀନ ନାମ ମହାଭାରତ ଗ୍ରନ୍ଥରେ ଦେଖିବାକୁ ମିଳେ ?
- କାଚ କାଟିବା ପାଇଁ ଆମେ କ'ଣ ବ୍ୟବହାର କରୁ ?

## ଗତଥରର ଉତ୍ତର

- ୧୧୬୧
- ଉପେନ୍ଦ୍ର ଭଞ୍ଜ
- ଜୟଦେବ
- କଟକ
- ଗୋପୀନାଥ ମହାନ୍ତି



## ଜାଣିବା କଥା

୧) ଜର୍ମାନୀରେ ପ୍ରଥମ ଆର୍ଟିଫିସିଆଲ୍ ଖ୍ରୀଷ୍ଟମାସ୍ ଟ୍ରୀ ବତକ ପରରୁ ତିଆରି ହୋଇଥିଲା ।

୨) କେବଳ ଆମେରିକାରେ ପ୍ରତିବର୍ଷ ୩୦୦ କୋଟିରୁ ଅଧିକ ଖ୍ରୀଷ୍ଟମାସ୍ କାର୍ଡର ଆଦାନ–ପ୍ରଦାନ ହୁଏ ।

୩) ଆମେରିକାରେ ୧୮୫୦ ମସିହାରୁ ଖ୍ରୀଷ୍ଟମାସ୍ ଟ୍ରୀର ବିକ୍ରି ଆରମ୍ଭ ହୋଇଥିଲା ।

୪) ଆମେରିକାରେ ଅଲବାମା ପ୍ରଥମ ରାଜ୍ୟ ଥିଲା, ଯେଉଁଠି ୧୮୩୬ ମସିହାରେ ପ୍ରଥମ ଅଫିସିଆଲ୍ ଖ୍ରୀଷ୍ଟମାସ୍ ଆୟୋଜନ ହୋଇଥିଲା ।

୫) ୧୯୬୦ ମସିହାରେ ଆମେରିକାରେ ପ୍ରଥମ ପୋଷ୍ଟାଲ ଷ୍ଟାମ୍ପ୍ ଜାରି କରାଯାଇଥିଲା ।

୬) ଇଣ୍ଡିଆନାରେ ଏମିତି ଏକ ସହର ଅଛି, ଯାହାର ନାଁ ସାନ୍ତାକ୍ଲଜ ।

୭) ଇଲେକ୍ଟ୍ରି ଖ୍ରୀଷ୍ଟମାସ୍ ଲାଇଟ୍‌ର ବ୍ୟବହାର ୧୮୫୪ ମସିହାରେ ହୋଇଥିଲା ।






୧



୨




୩



୪



୫




୬




୭




୮



୯



୧

**ଦେବସ୍ମିତା ସାହୁ**
କ୍ଲାସ୍- ୨, କେନ୍ଦ୍ରୀୟ ବିଦ୍ୟାଳୟ ନଂ-୨, କଟକ



୨

**ଓମ୍‌ପ୍ରକାଶ ବାରିକ**
କ୍ଲାସ-୭, ବସନ୍ତପୁର ଇଂଲିଶ୍ ମିଡିୟମ୍ ସ୍କୁଲ, ମୁର୍ଶିଦାବାଦ, ପଶ୍ଚିମବଙ୍ଗ



୩

**ତନ୍ମୟ କୁମାର ଦାଶ**
କ୍ଲାସ-୬, ଏମ୍‌ଏଲ୍‌ଏ ସରକାରୀ ଉଚ୍ଚ ବିଦ୍ୟାଳୟ, ଯାଜପୁର



୪

**ଶ୍ରୀୟାଶ୍ରୀ ମିଶ୍ର**
କ୍ଲାସ-୩, ବାଙ୍ଗୁରୁବା ବିଦ୍ୟାଳୟ, ଚନ୍ଦନପୁର, ପୁରୀ



୫

**ଦିବ୍ୟାଂଶୁ ପଣ୍ଡା**
କ୍ଲାସ- ୧, ଡିଏଭି ପବ୍ଲିକ ସ୍କୁଲ, ୟୁନିଟ୍-୮, ଭୁବନେଶ୍ୱର



୬

**ଶ୍ରେୟା ମୁଖାର୍ଜୀ**
କ୍ଲାସ୍-୧, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର, ପୁରୀ



୭

**ଆଦ୍ୟା ତ୍ରିପାଠୀ**
କ୍ଲାସ୍- ୧, ସେଣ୍ଟ ଯୋଶେଫ୍ ହାଇସ୍କୁଲ, ଭୁବନେଶ୍ୱର



୮

**ଇପ୍‌ସିତା ସିଂ**
କ୍ଲାସ-୯, ସେଣ୍ଟ ଯୋଶେଫ୍ ହାଇସ୍କୁଲ, ଅନୁଗୋଳ



୯

**ପ୍ରେମଜିତ୍ ସ୍ୱାଇଁ**
କ୍ଲାସ-୭, ଓଡ଼ିଶା ଆଦର୍ଶ ବିଦ୍ୟାଳୟ, ଟେଟଲେଙ୍ଗା, ବୌଦ୍ଧ

# ଆ ଇ ନା



ଶୁଭ୍ରାଂଶୁ
୬ ବର୍ଷ



ହର୍ଷାଲି
୫ ବର୍ଷ



ଅନୁଷ୍କା
୭ ବର୍ଷ